

ଟୀପ୍‌ପଣୀ

# ୨୦

# ସାମାଜିକ ନିୟନ୍ତ୍ରଣ (SOCIAL CONTROL)

**ବେ**ଳେବେଳେ ଆମର ପିଲାଦିନ କଥା ମନେ ପଡ଼େ, ଯେତେବେଳେ ଆମର ପିତାମାତା ଆମକୁ ଡାହାଣ ହାତରେ ଖାଇବାକୁ କହୁଥିଲେ, ଆମର ଶିକ୍ଷକ ଓ **ଗୁରୁଜନମାନଙ୍କୁ ସମ୍ମାନ ଦେବାକୁ କହୁଥିଲେ, ସମୟାନୁବର୍ତ୍ତୀ ହେବାକୁ** କହୁଥିଲେ ଓ ଗରିବ ଲୋକଙ୍କୁ ସାହାଯ୍ୟ କରିବାକୁ କହୁଥିଲେ । ପରେ ପରେ ଆମେ ରାସ୍ତାର ବାମ ପଟରେ ଗାଡ଼ି ଚଳାଇବାକୁ ଶିଖିଲୁ ଓ ଆମର ସ୍ଥାନୀୟ ନିୟମ ମାନିବାକୁ ଶିଖିଲୁ । ପୁନଶ୍ଚ ଆଉ କିଛି ସମୟାବଧି ପରେ ଆମେ ଆମର ବୃଦ୍ଧ ପିତା-ମାତାଙ୍କର ଦାୟିତ୍ୱ ଗ୍ରହଣ କରିବାକୁ ସଚେତନ ହେଲୁ । ତା ସହିତ ଆମର ନିଜ ସନ୍ତାନଙ୍କ ପ୍ରତି ଉତ୍ତରଦାୟିତ୍ୱ ଓ ବୃତ୍ତି ନିର୍ବାହର ଦାୟିତ୍ୱ ମଧ୍ୟ ଶିଖିଲୁ ।

ଏହା ସ୍ପଷ୍ଟ ହେଉଛି ଯେ ଆମର ବ୍ୟବହାର, ପରିବାର, ପ୍ରଚଳିତ ପ୍ରଥା-ପରଂପରା, ସମାଜ ଓ ସର୍ବୋପରି ରାଷ୍ଟ୍ର ଦ୍ୱାରା ନିୟନ୍ତ୍ରିତ । କାରଣ, ନିରଙ୍କୁଶ ସ୍ୱାଧୀନତା ଦ୍ୱାରା ସାମାଜିକ ବ୍ୟବସ୍ଥା ଲୋପ ପାଇଯିବ ଓ ଅରାଜକତା ସୃଷ୍ଟି ହେବ । ତେଣୁ ଯେ କୌଣସି ସମାଜରେ ବ୍ୟବସ୍ଥା ଓ ବିକାଶ ଅବ୍ୟାହତ ରହିବା ନିହାତି ଆବଶ୍ୟକ ।

## ଉଦ୍ଦେଶ୍ୟ (Objectives)

ଏହି ଅଧ୍ୟାୟ ପଢିବା ପରେ, ଆପଣ ;

- ➪ ସାମାଜିକ ନିୟନ୍ତ୍ରଣର ଅର୍ଥ ଓ ଆବଶ୍ୟକତା କୁ ବ୍ୟାଖ୍ୟା କରିପାରିବେ;
- ➪ ଅନୌପଚାରିକ ସାମାଜିକ ନିୟନ୍ତ୍ରଣ ଯଥା- ଲୋକରୀତି, ଲୋକାଚାର, ପ୍ରଥା ଓ ଧର୍ମ ଇତ୍ୟାଦିର (ସାମାଜିକ ନିୟନ୍ତ୍ରଣ ରକ୍ଷା ଦିଗରେ) ଭୂମିକାକୁ ବ୍ୟାଖ୍ୟା କରିପାରିବେ;
- ➪ ଔପଚାରିକ ସାମାଜିକ ନିୟନ୍ତ୍ରଣର ମାଧ୍ୟମ, ଯଥା-ଆଇନ, ଶିକ୍ଷା ଓ ରାଷ୍ଟ୍ରର (ସାମାଜିକ ନିୟନ୍ତ୍ରଣ ସ୍ଥାପନ ଦିଗରେ) ଭୂମିକାକୁ ବ୍ୟାଖ୍ୟା କରିପାରିବେ ; ଏବଂ
- ➪ ସାମାଜିକ ନିୟନ୍ତ୍ରଣର ବାହକ ଯଥା- ପରିବାର, ପଡ଼ୋଶୀ ଓ ଜନମତର ଭୂମିକାକୁ ବ୍ୟାଖ୍ୟା କରିପାରିବେ ।



ଟୀପ୍ପଣୀ

## ୨୦.୧ ସାମାଜିକ ନିୟନ୍ତ୍ରଣର ଅର୍ଥ (Meaning of Social Control)

ସମାଜର ସୁପରିଚାଳନା ନିମନ୍ତେ, ଏହାର ସଦସ୍ୟ ମାନେ ପରସ୍ପର ସହ ସମନ୍ୱୟ ରକ୍ଷା କରି ନିଜ ନିଜର କାର୍ଯ୍ୟ କରିବା ଦରକାର, ଅର୍ଥାତ୍ ପରସ୍ପରକୁ ଗ୍ରହଣଯୋଗ୍ୟ ହେଲା ଭଳି କ୍ରିୟାକଳାପ ହେବା ନିହାତି ଆବଶ୍ୟକ । ଆମର ଦୈନନ୍ଦିନ ଜୀବନର ବ୍ୟବହାର ଅତି ବ୍ୟବସ୍ଥିତ ଓ ଶୃଙ୍ଖଳିତ ଅଟେ । ଆମେ ସାଧାରଣତଃ ଆନ୍ତଃ-କ୍ରିୟା କରୁଥିବା ଲୋକମାନଙ୍କୁ ବିରୋଧ କରିନଥାଉ, ଆମେ ସ୍କୁଲରେ ବିଭିନ୍ନ ନିତି ନିୟମ ମାଧ୍ୟମରେ ଶୃଙ୍ଖଳା ରକ୍ଷାକରୁ । ଯେଉଁମାନେ ସମାଜର ଏହି ସବୁ ପ୍ରତିମାନକୁ ମାନନ୍ତି ନାହିଁ, ସେମାନେ ସମାଲୋଚିତ ହୁଅନ୍ତି ଓ ହେୟ ଜ୍ଞାନ କରାଯା'ନ୍ତି ।

ସାମାଜିକ ନିୟନ୍ତ୍ରଣ ହେଉଛି ନିୟନ୍ତ୍ରଣର ଏକ ସାଧାରଣ ପଦ୍ଧତି, ଯେଉଁ ଥିରେ ସ୍ୱୀକୃତ ସାମାଜିକ ପ୍ରତିମାନ ଦ୍ୱାରା ବ୍ୟକ୍ତିମାନଙ୍କର ବ୍ୟବହାର ନିୟନ୍ତ୍ରିତ ହୋଇଥାଏ । ଆଚରଣର ସ୍ୱୀକୃତ ସୂତ୍ର (Accepted code of Conduet)ର ଅନୁପାଳନ (Conformity) ପାଇଁ, ସାମାଜିକ ନିୟନ୍ତ୍ରଣ ମାଧ୍ୟମରେ, ବ୍ୟକ୍ତି ମାନଙ୍କର ବ୍ୟବହାରକୁ ସଂଚାଳିତ କରାଯାଇଥାଏ । ସାମାଜିକ ନିୟନ୍ତ୍ରଣର ସଂଜ୍ଞା ଦେବାକୁ ଯାଇ କୁହାଯାଇଛି ଯେ "ଏହାଏକ ମାଧ୍ୟମ, ଯେଉଁଥିରେ ସମଗ୍ର ସମାଜ ବ୍ୟବସ୍ଥା, ଏକ ସଦା ପରିବର୍ତ୍ତନୀୟ ସନ୍ତୁଳନ ହିସାବରେ, ସମସ୍ତଙ୍କ ସହିତ ମିଳି ମିଶି କାର୍ଯ୍ୟ କରି, ନିଜର ସାମଗ୍ରିକତାକୁ ଅବ୍ୟାହତ ରଖିଥାଏ ।" ସାମାଜିକ ନିୟନ୍ତ୍ରଣ କହିଲେ ସମାଜ ଦ୍ୱାରା, ଆମ ଦୈନନ୍ଦିନ ଚଳଣୀର ନୀତିନିୟମ ଓ ରାଷ୍ଟ୍ରର ବାଧ୍ୟତାମୂଳକ ଶକ୍ତି ଆଧାରରେ, ଆମ ବ୍ୟବହାରର ନିୟନ୍ତ୍ରଣକୁ ବୁଝାଏ । ସମାଜରେ ବ୍ୟକ୍ତି ବା ସମୂହ ମାନଙ୍କର ବ୍ୟବହାରର ନିୟନ୍ତ୍ରଣ ଦୁଇ ପ୍ରକାରରେ କରାଯାଇଥାଏ ।

(କ) ସମାଜର ପ୍ରତିଷ୍ଠିତ ପ୍ରତିମାନ ଓ ମୂଲ୍ୟବୋଧ ର ଅନୁପାଳନ ଦ୍ୱାରା ; ଏବଂ

(ଖ) ଶକ୍ତି ପ୍ରୟୋଗ ଦ୍ୱାରା ।

ସମାଜ ବିଜ୍ଞାନୀ ମାନେ "ସାମାଜିକ ନିୟନ୍ତ୍ରଣ" କହିଲେ ଏହି ପ୍ରଥମ ପ୍ରକାରର ନିୟନ୍ତ୍ରଣକୁ ଦର୍ଶାଇଥା'ନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୦.୧

ଏକ ବାକ୍ୟରେ ଉତ୍ତର ଦିଅ ।

୧. ସାମାଜିକ ନିୟନ୍ତ୍ରଣର ସଂଜ୍ଞା ପ୍ରଦାନ କର ।

________________________________________

୨. କେଉଁ ଦୁଇଟି ମାଧ୍ୟମରେ ବ୍ୟକ୍ତିମାନଙ୍କର ବ୍ୟବହାରକୁ ନିୟନ୍ତ୍ରତ କରାଯାଇପାରିବ ?

________________________________________

## ୨୦.୨ ସାମାଜିକ ନିୟନ୍ତ୍ରଣର ଆବଶ୍ୟକତା ଓ ଉଦ୍ଦେଶ୍ୟ (Need and Purpose of Social Control)

### ଆବଶ୍ୟକତା (Need)

ସାମାଜିକ ନିୟନ୍ତ୍ରଣର ଆବଶ୍ୟକତା ଓ ଗୁରୁତ୍ୱକୁ ସମସ୍ତ ସମାଜ ଚିନ୍ତକ ମାନେ ସ୍ୱୀକାର କରିଛନ୍ତି । ବ୍ୟକ୍ତିମାନେ ସେମାନଙ୍କର ଅଭିରୁଚି ଓ ସାମର୍ଥ୍ୟରେ ପରସ୍ପର ଠାରୁ ଭିନ୍ନ ହୋଇଥା'ନ୍ତି । ଯଦି ପ୍ରତ୍ୟେକ ବ୍ୟକ୍ତିକୁ କାର୍ଯ୍ୟ କରିବାର ଓ ବ୍ୟବହାର କରିବାର ନିରଙ୍କୁଶ ସ୍ୱାଧୀନତା ଦିଆଯାଏ, ତାହାହେଲେ ଏହା ସମାଜରେ ଅରାଜକତା ଓ ଅବ୍ୟବସ୍ଥା ସୃଷ୍ଟି କରିବା ଫଳରେ ଯେଉଁ ସବୁ ନିରନ୍ତର ସଂଘର୍ଷ ସୃଷ୍ଟି ହେବ ତାହା ସମଜର ଅନେକ ଶକ୍ତି ଓ ସାମର୍ଥ୍ୟର ଅପଚୟ କରିବ ।



ଟୀପ୍ପଣୀ

ତୁଳନାତ୍ମକ ଭାବରେ ଆମେ ଟ୍ରାଫିକ ନୀତିନିୟମର ଅଭାବରେ ରାସ୍ତାର ଟ୍ରାଫିକ ସଂଚାଳନ ବିଷୟରେ ଚିନ୍ତା କରିପାରିବା । ଏହା ଅତି ସହଜରେ ଅନୁମାନ କରାଯାଇପାରିବ, ଯେ ଟ୍ରାଫିକ ନୀତିନିୟମର ଅଭାବରେ ରାସ୍ତାର ଭିଡ଼ ବଢ଼ିବ ଓ ଲୋକମାନେ ମନ ଇଚ୍ଛା ଗାଡ଼ି ଚଳାଇବେ, ଡ୍ରାଇଭରମାନଙ୍କର ମାନସିକ ଅସ୍ଥିରତା ବଢ଼ିବା ଫଳରେ ଉତ୍ତେଜନା ବଢ଼ିବ ଓ ନାନା ପ୍ରକାରର ବିଭ୍ରାଟ ସୃଷ୍ଟିହେବ । ଏହା ଅତି ସହଜରେ ବୁଝିହେବ ଯେ ଏହାର ପରିଣାମ ଅତି ଅପ୍ରିୟ ଓ ଅବାଂଛିତ ହେବ । ଟ୍ରାଫିକ ନିୟମ ଦ୍ୱାରା ଗାଡ଼ି ଚଳାଚଳ ସୁଗମ ହେବା ଅର୍ଥ ହେଉଛି ସାମାଜିକ ନିୟନ୍ତ୍ରଣର ଉପସ୍ଥିତି ।

ଯଦି ସମାଜରେ ସ୍ୱୀକୃତ ସାମାଜିକ ବ୍ୟବହାର ରୀତି ନ ରହେ ତାହା ହେଲେ ଟ୍ରାଫିକ ବିଭ୍ରାଟ ଭଳି ସମାଜର ସ୍ଥିତି ମଧ୍ୟ ସମସ୍ୟା ମୂଳକ ହୋଇଯିବ । ସେଥିପାଇଁ ବ୍ୟକ୍ତିମାନେ ସମାଜରେ ପରସ୍ପରକୁ ସୁବିଧା ଜନକ ହେଲା ଭଳି ସହାବସ୍ଥାନ କରିଥାନ୍ତି ।

ସମାଜରେ ସାମାଜିକ ନିୟନ୍ତ୍ରଣର ଆବଶ୍ୟକତା ନିମ୍ନୋକ୍ତ କରଣ ଯୋଗୁଁ ହୋଇଥାଏ ।

**(୧) ପୁରାତନ ସମାଜ ବ୍ୟବସ୍ଥାର ନିରନ୍ତରତା ରକ୍ଷା (to maintain social order) :** ଏକ ସମୁହର ନିରନ୍ତରତା ଓ ସମରୂପତା ପାଇଁ, ପୁରାତନ ସମାଜ ବ୍ୟବସ୍ଥା ଅବ୍ୟାହତ ରହିବା ନିହାତି ଜରୁରୀ । ଏହି କାର୍ଯ୍ୟ ପରିବାର ଦ୍ୱାରା ସଂପନ୍ନ ହୋଇଥାଏ । ପରିବାର ବୟୋଜ୍ୟୈଷ୍ଠ ସଦସ୍ୟମାନେ, ଯୁବ ସଦସ୍ୟମାନଙ୍କୁ ପରିବାରରେ ଆବଶ୍ୟକ ହେଉଥିବା ସ୍ୱୀକୃତ ଓ ଗ୍ରହଣ ଯୋଗ୍ୟ ବ୍ୟବହାର, ଏହାର ପରଂପରା ମୂଲ୍ୟବୋଧର ଧାରା ଇତ୍ୟାଦି ସହିତ ପରିଚିତ କରାଇଥା'ନ୍ତି ।

**(୨) ବ୍ୟକ୍ତିମାନଙ୍କର ବ୍ୟବହାରର ନିୟନ୍ତ୍ରଣ (to regulate individual behaviour) :** ସମାଜରେ ବ୍ୟକ୍ତିମାନେ ସେମାନଙ୍କର ଚିନ୍ତାଧାରା, ରଚି, ମନୋବୃତ୍ତି ଓ ଅଭ୍ୟାସ ଇତ୍ୟାଦି କ୍ଷେତ୍ରରେ ପରସ୍ପର ଠାରୁ ଭିନ୍ନ ହୋଇଥା'ନ୍ତି । ଏପରିକି ଏକ ପିତା-ମାତାଙ୍କ ଠାରୁ ଜନ୍ମିତ ସନ୍ତାନମାନେ ଭିନ୍ନ ପ୍ରକାରରେ ଚିନ୍ତା କରିଥା'ନ୍ତି ଓ ବ୍ୟବହାର କରିଥା'ନ୍ତି । ଏଥିପାଇଁ ସମାଜରେ ବିଭିନ୍ନ ବ୍ୟକ୍ତିମାନଙ୍କର (ସମାଜର ପ୍ରତିଷ୍ଠିତ ପ୍ରତିମାନ ଅନୁଯାୟୀ) ବ୍ୟବହାର ନିୟନ୍ତ୍ରିତ ହେବା ଦରକାର । ଏହା ହେଲେ ସମୁହରେ ଏକତା, ସମରୂପତା ଓ ସଦ୍‌ଭାବ ରକ୍ଷାହୋଇ ପାରିବ ।

**(୩) ସାଂସ୍କୃତିକ କୁ-ସମଯୋଜନ ଉପରେ ଅଙ୍କୁଶ (to cheek Cultural maladjustment):** ସଂପ୍ରତି ସମାଜରେ ଦ୍ରୁତ ପରିବର୍ତ୍ତନମାନ ଘଟୁଛି । ଏପରି ପରିବର୍ତ୍ତନ ସବୁ ଘଟିବା ଫଳରେ ପ୍ରଚଳିତ ସମାଜ ବ୍ୟବସ୍ଥାର ମୂଳ ଉତ୍ପାଟନ ହେବାର ଆଶଙ୍କା ରହୁଛି । ନୂତନ ସମାଜ ବ୍ୟବସ୍ଥାର ଆଶଙ୍କା, ପୁରାତନ ବ୍ୟବସ୍ଥାର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି । ଭଲ-ମନ୍ଦ ମଧ୍ୟରେ ପ୍ରଭେଦ କରି ଲୋକମାନଙ୍କର ବିଚାର ବୁଦ୍ଧିର ଭାରସାମ୍ୟ ରକ୍ଷା କରିବା ପାଇଁ ସାମାଜିକ ନିୟନ୍ତ୍ରଣର ବହୁ ଅବଶ୍ୟକତା ରହିଛି ।

## ଲକ୍ଷ୍ୟ (Purpose)

ସମାଜ ବିଜ୍ଞାନୀ, ସାମାଜିକ ନିୟନ୍ତ୍ରଣର ଅନେକ ଲକ୍ଷ୍ୟଥିବା କହିଛନ୍ତି । ସାମାଜିକ ନିୟନ୍ତ୍ରଣ ର ଲକ୍ଷ୍ୟ ବା ଉଦ୍ଦେଶ୍ୟ ହେଲା ଏକ ନିର୍ଦ୍ଦିଷ୍ଟ ସମାଜ କିମ୍ବା ସମୁହର ପ୍ରଚଳିତ ପ୍ରତିମାନ, ବିଧିବ୍ୟବସ୍ଥା, ପ୍ରଥା ପରଂପରା ଓ ନୀତି ନିୟମର ଅନୁପାଳନ ପାଇଁ ସମାଜର ସଦସ୍ୟମାନଙ୍କୁ ପ୍ରବର୍ତ୍ତାଇବା ଓ ସ୍ଥଳ ବିଶେଷରେ ଏଥିପାଇଁ ବାଧ୍ୟ କରବା ।



ଟୀପ୍ପଣୀ



ବେଳେବେଳେ ନିଜର ଅଜ୍ଞତା ବଶତଃ ବ୍ୟକ୍ତିମାନେ ଏପରି ସବୁ କାର୍ଯ୍ୟ କରିଥା'ନ୍ତି ଯାହା ସେମାନଙ୍କୁ ଲାଭ ଦେଇ ଥାଏ କିମ୍ବା ଦେଇନଥାଏ । ତେବେ ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ନିଶ୍ଚିତ ଭାବରେ ସମାଜର 'ଭଲ', ସାମୁହିକ ସ୍ତରରେ ନିହିତ ଥାଏ । ଅନ୍ୟ କେତେକ ପରିସ୍ଥିତିରେ ବ୍ୟକ୍ତିମାନେ, ସେମାନଙ୍କର କାର୍ଯ୍ୟ, ସମାଜରେ କୁ-ପ୍ରଭାବ ପକାଉଥିବା ବିଷୟରେ ସଚେତନ ଥାଇ ମଧ୍ୟ ସେହିସବୁ କାର୍ଯ୍ୟ/ବ୍ୟବହାର କୁ ଅବ୍ୟାହତ ରଖନ୍ତି, କାରଣ ତାହା ସେମାନଙ୍କୁ ସୁବିଧା ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ, ଏକ ଶିଳ୍ପ ସଂସ୍ଥାର ମାଲିକ ପ୍ରଦୂଷଣର କୁ-ପ୍ରଭାବ ବିଷୟରେ ସମ୍ପୂର୍ଣ୍ଣ ସଚେତନ ଥାଇ ମଧ୍ୟ ତା'ର ଶିଳ୍ପ ସଂସ୍ଥାରେ ପ୍ରଦୂଷଣ-ନିରୋଧି ଯନ୍ତ୍ର ଲଗାଇ ନ ଥାଏ, କାରଣ ସେ ସାମୁହିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜର ଲାଭ କୁ ବହୁଗୁଣିତ କରିବାକୁ ଚାହିଁ ଥାଏ । ସମାଜ, ବ୍ୟକ୍ତି-ବ୍ୟବହାରକୁ ନିୟନ୍ତ୍ରଣ କରିଥାଏ । ସାମାଜିକ ନିୟନ୍ତ୍ରଣ ର ଉଦ୍ଦେଶ୍ୟ ହେଲା ବ୍ୟକ୍ତି ଓ ସମୁହ ର ସ୍ୱାର୍ଥକୁ ଏପରି ଭାବରେ ପରିଚାଳନା/ ନିୟନ୍ତ୍ରଣ କରିବା, ଯେପରିକି ତାହା ଉଭୟଙ୍କ ପାଇଁ ସୁବିଧାଜନକ ହେବ ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୦.୨

ନିମ୍ନୋକ୍ତ ପ୍ରତି ବକ୍ତବ୍ୟ ସତ୍ୟ / ମିଥ୍ୟା, ଦର୍ଶାଅ ।

(କ) ପୁରାତନ ସମାଜ ବ୍ୟବସ୍ଥାକୁ ରକ୍ଷା କରିବା ପାଇଁ ସାମାଜିକ ନିୟନ୍ତ୍ରଣ ଜରୁରୀ ଅଟେ । (ସତ୍ୟ / ମିଥ୍ୟା)

(ଖ) ଆଧୁନିକ ସମୟରେ ସାମାଜିକ ନିୟନ୍ତ୍ରଣର କୌଣସି ଆବଶ୍ୟକତା ନାହିଁ । (ସତ୍ୟ / ମିଥ୍ୟା)

(ଗ) ସାମାଜିକ ନିୟନ୍ତ୍ରଣର ଉଦ୍ଦେଶ୍ୟ ହେଉଛି ବ୍ୟକ୍ତି ଓ ସମୁହର ସ୍ୱାର୍ଥ ସାଧନକୁ ନିୟନ୍ତ୍ରଣ କରିବା ।(ସତ୍ୟ / ମିଥ୍ୟା)

## ୨୦.୩ ସାମାଜିକ ନିୟନ୍ତ୍ରଣର ମାଧ୍ୟମ-ଔପଚାରିକ ଏବଂ ଅନୌପଚାରିକ (Means of Social Control - Formal and Informal)

ସବୁ ସମୟରେ, ସମସ୍ତ ସମାଜର ସାମାଜିକ ନିୟନ୍ତ୍ରଣ ପାଇଁ କିଛି ନା କିଛି ମାଧ୍ୟମ (ପରିସ୍ଥିତି ଅନୁଯାୟୀ) ରହିଥାଏ । ବ୍ୟକ୍ତି ଓ ସମୁହମାନେ ସାମାଜିକ ଅନୁଷ୍ଠାନ (ଯଥା- ପରିବାର, ଜ୍ଞାତି ସମୁହ, ଜାତି, ଗ୍ରାମ, ଶିକ୍ଷା ବ୍ୟବସ୍ଥା, ରାଷ୍ଟ୍ର, ଧର୍ମ, ଆର୍ଥିକ ଅନୁଷ୍ଠାନ ଇତ୍ୟାଦି) ମାନଙ୍କ ମାଧ୍ୟମରେ ସାମାଜିକ ପ୍ରତିମାନର ଅନୁପାଳନ କରିଥା'ନ୍ତି ।

ସମାଜ ବିଜ୍ଞାନୀମାନେ ସାମାଜିକ ନିୟନ୍ତ୍ରଣର ମାଧ୍ୟମ ସବୁକୁ ଦୁଇ ଶ୍ରେଣୀରେ ବିଭକ୍ତ କରିଛନ୍ତି :-

(କ) ଅନୌପଚାରିକ ସାମାଜିକ ନିୟନ୍ତ୍ରଣ

(ଖ) ଔପଚାରିକ ସାମାଜିକ ନିୟନ୍ତ୍ରଣ

### ସାମାଜିକ ନିୟନ୍ତ୍ରଣର ଅନୌପଚାରିକ ମାଧ୍ୟମ

ପ୍ରାଥମିକ ସମୁହମାନଙ୍କରେ ସଂପର୍କମାନେ ଘନିଷ୍ଠ, ପ୍ରତ୍ୟକ୍ଷ ତଥା ଆବଦ୍ଧ ହୋଇଥା'ନ୍ତି । ସାମାଜିକ ନିୟନ୍ତ୍ରଣ ଅନୌପଚାରିକ ତନ୍ତ୍ର (Informal Mechanism) ବା କାର୍ଯ୍ୟବିଧି ଦ୍ୱାରା କରାଯାଇଥାଏ, ଯଥା- ପ୍ରଥା, ପରଂପରା, ଲୋକରୀତି (Folkways), ଲୋକାଚାର (Mores) ଓ ଧର୍ମ ଇତ୍ୟାଦି ଦ୍ୱାରା ହୋଇଥାଏ । ଅନୌପଚାରିକ ସାମାଜିକ ନିୟନ୍ତ୍ରଣର କାର୍ଯ୍ୟବିଧି ମଧ୍ୟରେ, (ସାମାଜିକୀକରଣ, ଶିକ୍ଷା, ପରିବାର, ବିବାହ ଓ ଧର୍ମ ଇତ୍ୟାଦି ସହିତ ସଂପୃକ୍ତ) ପ୍ରତିଷ୍ଠିତ ଓ ସ୍ୱୀକୃତ ଅନୁଷ୍ଠାନମାନେ ସାମିଲ ଥା'ନ୍ତି ।



ଟୀପ୍ପଣୀ

ଏହା ଅନୌପଚାରିକ ଅନୁମତି (Sanctions) ଦ୍ୱାରା କାର୍ଯ୍ୟକାରୀ କରାଯାଇଥାଏ, ଯାହା ସକାରାତ୍ମକ ବା ନକାରାତ୍ମକ ହୋଇପାରେ । ସକାରାତ୍ମକ ଅନୁମତି (Positive Sanctions) ମଧ୍ୟରେ ସ୍ମିତହାସ୍ୟ ସ୍ୱୀକୃତିର ସଙ୍କେତ, ପୁରସ୍କାର ବା ପଦୋନ୍ନତି ଇତ୍ୟାଦି ସାମିଲ ଥାଏ । ଉଦାହରଣ ସ୍ୱରୂପ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ପାଇଁ ପିତାମାତା ସନ୍ତାନକୁ ସାଇକେଲ କିମ୍ବା ଘଣ୍ଟା, ପୁରସ୍କାର ସ୍ୱରୂପ ଦେଇଥା'ନ୍ତି । ନକାରାତ୍ମକ ଅନୁମତି (Negative Sanctions) ମଧ୍ୟରେ ଭ୍ରୁ-କୁଞ୍ଚନ, ନାକ ଟେକିବା, ସମାଲୋଚନା କରିବା ଦଣ୍ଡ ହିସାବରେ ଶାରିରୀକ ବଳ ପ୍ରୟୋଗ ଇତ୍ୟାଦି ସାମିଲ ଥାଏ । ସ୍କୁଲରେ ବିଶୃଙ୍ଖଳ ଆଚରଣକୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ହେଉଛି ନକାରାତ୍ମକ ଅନୁମତିର ଏକ ଉଦାହରଣ ।

### ସାମାଜିକ ନିୟନ୍ତ୍ରଣର ଔପଚାରିକ ମାଧ୍ୟମ

ସାମାଜିକ ନିୟନ୍ତ୍ରଣର ଔପଚାରିକ ମାଧ୍ୟମ ସବୁ, ରାଷ୍ଟ୍ର, ଆଇନ, ଶିକ୍ଷା ଓ ଅନ୍ୟ ବୈଧ କ୍ଷମତା ସଂପନ୍ନ ଅନୁଷ୍ଠାନମାନଙ୍କରୁ ଆସିଥାଏ । ବ୍ୟତିକ୍ରମ ବା ବିଚ୍ୟୁତି କ୍ଷେତ୍ରରେ ସେମାନେ ବଳ ପ୍ରୟୋଗ କରିଥା'ନ୍ତି । ଉଦାହରଣ ସ୍ୱରୂପ ଚୋରି ଅପରାଧରେ ଦଣ୍ଡିତ (Convicted) ଏକ ବ୍ୟକ୍ତିକୁ ଜେଲ ପଠାଯାଏ । ଅନ୍ୟ ଶବ୍ଦରେ କହିଲେ ଏହି ସବୁ ଅନୁଷ୍ଠାନ, ବ୍ୟକ୍ତି ଓ ସମୁହ ମାନଙ୍କର ବ୍ୟବହାର କୁ ନିୟନ୍ତ୍ରଣ କରିବା ପାଇଁ ଆଇନଗତ କ୍ଷମତା ବ୍ୟବହାର କରନ୍ତି । ଆମେ ବର୍ତ୍ତମାନ ବିଭିନ୍ନ ପ୍ରକାର ର ଅନୌପଚାରିକ ତଥା ଔପଚାରିକ ସାମାଜିକ ନିୟନ୍ତ୍ରଣର ମାଧ୍ୟମମାନଙ୍କ ବିଷୟରେ ଆଲୋଚନା କରିବା ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୦.୩

୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ପ୍ରାଥମିକ ସମୁହରେ ସଂପର୍କମାନେ ____________ ହୋଇଥା'ନ୍ତି । (ଘନିଷ୍ଠ, ଔପଚାରିକ)

(ଖ) ଔପଚାରିକ ସାମାଜିକ ନିୟନ୍ତ୍ରଣମାନ____________ ଦ୍ୱାରା ଲାଗୁ କରାଯାଇଥାଏ । (ଗୋତ୍ର, ରାଷ୍ଟ୍ର, ପରିବାର)

(ଗ) ଅନୌପଚାରିକ ସାମାଜିକ ନିୟନ୍ତ୍ରଣ ____________ ଦ୍ୱାରା ପରିଚାଳିତ ହୋଇଥା'ନ୍ତି । (ଆଇନ, ପ୍ରଥା)

(ଘ) ସକାରାତ୍ମକ ଅନୁମତି ମଧ୍ୟରେ ____________ ସାମିଲ ଥାଏ । (ସ୍ମିତହାସ୍ୟ, ବିଧା)

---

## ୨୦.୪ ଅନୌପଚାରିକ ସାମାଜିକ ନିୟନ୍ତ୍ରଣର ମାଧ୍ୟମ (Informal Means of Social Control)

(୧) ଲୋକରୀତି (Folkways)

(୨) ଲୋକାଚାର (Mores)

(୩) ପ୍ରଥା (Customs)

(୪) ଧର୍ମ (Religion)

ଏଠାରେ ଏହା ଉଲ୍ଲେଖ କରାଯିବା ଆବଶ୍ୟକ ଯେ ଆମର ଜୀବନ ଶୈଳୀର ବିବିଧତା ଅନୁଯାୟୀ ସାମାଜିକ ନିୟନ୍ତ୍ରଣର ମାଧ୍ୟମମାନେ ମଧ ଭିନ୍ନ ଭିନ୍ନ ହୋଇଥା'ନ୍ତି । ନିର୍ଦ୍ଦିଷ୍ଟ ସମୁହ ଓ ସମାଜରେ ନିର୍ଦ୍ଦିଷ୍ଟ ସାମାଜିକ ନିୟନ୍ତ୍ରଣର ବ୍ୟବସ୍ଥା ଥାଏ । ସେହି ହିସାବରେ ଅନୌପଚାରିକ ନିୟନ୍ତ୍ରଣର ମାଧ୍ୟମମାନେ ବା କାର୍ଯ୍ୟବିଧି ମାନେ ଭିନ୍ନ ଭିନ୍ନ ପ୍ରକାରର ହୋଇଥାନ୍ତି ପରିବାର ସହିତ ପଡୋଶୀ, ଜ୍ଞାତି ସମୁହ ଗୋତ୍ର ଓ ଗ୍ରାମ ଇତ୍ୟାଦି ଅନୁଷ୍ଠାନମାନେ ସାମାଜିକ ନିୟନ୍ତ୍ରଣକୁ କାର୍ଯ୍ୟକାରୀ କରିଥା'ନ୍ତି ।



ଟୀପ୍ପଣୀ



(୧) **ଲୋକରୀତି (Folkways) :** ଲୋକ ରୀତିମାନେ ହେଉଛନ୍ତି ଏକ ପ୍ରକାରର ପ୍ରତିମାନ, ଲୋକମାନେ ଯାହାର ଅନୁପାଳନ କରିଥା'ନ୍ତି । ଏହି ଲୋକରୀତିର ଅନୁପାଳନକୁ ଆଇନ ବା ସମାଜର କୌଣସି ମାଧ୍ୟମ (agency) ଦ୍ୱାରା ଲାଗୁ କରାଯାଇ ନ ଥାଏ । ଏହାକୁ ପ୍ରତ୍ୟେକ ସମାଜ ଓ ସମୂହରେ ସାଧାରଣ ଭାବରେ ସ୍ୱୀକାର କରାଯାଏ । ଲୋକରୀତି ସବୁ, ଖାଦ୍ୟ, ପୋଷାକ, ପରିଚ୍ଛଦ ଅଭ୍ୟାସ, ରୀତିନୀତି ପାଳନ, ଉପାସନା ପଦ୍ଧତି, ସ୍ୱାଗତ କରିବା ଶୈଳୀରେ ପ୍ରତିଫଳିତ ହୋଇଥାଏ । ଉଦାହରଣ ସ୍ୱରୂପ ଉତ୍ତର ଓ ଦକ୍ଷିଣ ଭାରତର ଲୋକମାନଙ୍କର ଖାଦ୍ୟାଭ୍ୟାସ ସଂପୂର୍ଣ୍ଣ ଭିନ୍ନ ଅଟେ । ଏହି ଭିନ୍ନତା ଲୋକମାନଙ୍କର ସ୍ଥାନ ପରିବର୍ତ୍ତନ ସତ୍ତ୍ୱେ ମଧ୍ୟ ଅବ୍ୟାହତ ରହିଥାଏ ।

(୨) **ଲୋକାଚାର (Mores) :** ଲୋକରୀତି, ଯାହାକି ଏକ ପ୍ରଥା ଭିତ୍ତିକ ଚଳଣୀ, ଏକ ଇଚ୍ଛାଧୀନ କାର୍ଯ୍ୟ ହୋଇଥିଲା ବେଳେ, ତୁଳନାତ୍ମକ ଭାବରେ ଲୋକାଚାର ହେଉଛି ଏକ ପ୍ରକାରର ନୈତିକ ଆଚରଣ । ସେମାନେ (ଲୋକଚାର ମାନେ) ସମାଜର ମୂଲ୍ୟବୋଧ ବ୍ୟବସ୍ଥାକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ସମାଜ ବ୍ୟବସ୍ଥାର ନିୟନ୍ତ୍ରଣରେ ସାହାଯ୍ୟ କରିଥା'ନ୍ତି । ଲୋକାଚାର ପରିଭାଷିତ ପରିସ୍ଥିତିମାନଙ୍କରେ (ଯେପରିକି ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ, ପିତାମାତା ଓ ସନ୍ତାନମାନଙ୍କ ମଧ୍ୟରେ ତଥା ଭାଇ-ଭଉଣୀଙ୍କ ମଧ୍ୟରେ) ସଂପର୍କ କୁ ପରିଚାଳିତ ତଥା ନିୟନ୍ତ୍ରିତ କରିଥାଏ । ସେମାନେ ସାଧାରଣ ସମାଜିକ ସଂପର୍କର ବିଭିନ୍ନ ଦିଗ ଯଥା- ସାଧୁତା, ସତ୍ୟବାଦିତା, କଠୋର ପରିଶ୍ରମ ଓ ଶୃଙ୍ଖଳା ଇତ୍ୟାଦିକୁ ମଧ୍ୟ ଦର୍ଶାଇଥା'ନ୍ତି । ଯେହେତୁ ଲୋକାଚାରମାନେ ସଚେତନିକ ଭାବରେ ସୃଷ୍ଟି ହୁଅନ୍ତି ଓ ସମାଜର ସୁପରିଚାଳନା ପାଇଁ ରୂପରେଖ ପାଇଥା'ନ୍ତି, ସେଥିପାଇଁ ସେମାନଙ୍କର୍ ଉଲ୍ଲଙ୍ଘନ ବେଳେବେଳେ ଦଣ୍ଡବିଧାନକୁ ଆମନ୍ତ୍ରଣ କରିଥାଏ । ସେମାନେ ପ୍ରକାରାନ୍ତରେ ସବୁଠାରୁ ଶକ୍ତିଶାଳୀ କାର୍ଯ୍ୟବିଧି, ଯାହା ସମାଜର ନିୟନ୍ତ୍ରଣ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିଥା'ନ୍ତି ।

(୩) **ପ୍ରଥା (Customs) :** ପ୍ରଥା ସବୁ ହେଉଛନ୍ତି ଲୋକମାନଙ୍କର ଦୀର୍ଘ ଦିନର ଚଳଣୀ ଅଭ୍ୟାସ ଯାହା ସ୍ୱତଃସ୍ଫୁର୍ତ୍ତ ଭାବରେ କିନ୍ତୁ ଧୀରେ ଧୀରେ ସୃଷ୍ଟି ହୋଇଥାଏ । ଏହା ଲୋକମାନଙ୍କର ସାମାଜିକ ଜୀବନକୁ ନିୟନ୍ତ୍ରିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଏକ ସୂତ୍ରରେ ବାନ୍ଧି ରଖେ । ଆଦିମ ସମାଜରେ ପ୍ରଥାମାନେ ସାମାଜିକ ନିୟନ୍ତ୍ରଣର ଶକ୍ତିଶାଳୀ ମାଧ୍ୟମ ଥିଲେ । କିନ୍ତୁ ଆଧୁନିକ ସମାଜରେ ବ୍ୟକ୍ତିବାଦୀ ଶକ୍ତିମାନଙ୍କର ଅଭ୍ୟୁଦୟ ତଥା ବିବିଧତାର ପ୍ରାବଲ୍ୟ ଯୋଗୁଁ ସେମାନେ ଦୁର୍ବଳ ହୋଇଯାଇଛନ୍ତି ।

(୪) **ଧର୍ମ (Religion) :** ଧର୍ମ, ଏହାର ଅନୁପାଳନ କାରୀମାନଙ୍କ ଉପରେ ଶକ୍ତିଶାଳୀ ପ୍ରଭାବ ପକାଇଥାଏ । ଡୁର୍ଖିମଙ୍କ ମତରେ ଧର୍ମ ହେଉଛି ବିଶ୍ୱାସ ଓ ଲୋକରୀତିର ଏକ ସମ୍ମିଳିତ ବ୍ୟବସ୍ଥା, ଯାହା କେବଳ ପବିତ୍ର ବସ୍ତୁ ମାନଙ୍କ ସହ ସମ୍ବନ୍ଧିତ । ଯେଉଁମାନଙ୍କର ସାଧାରଣ ବିଶ୍ୱାସ ଓ କାର୍ଯ୍ୟଧାରା ଥାଏ । ସେମାନଙ୍କୁ ଏକ ନୈତିକ ସମୁଦାୟରେ ଏକତ୍ର କରିବା ହେଉଛି ଧର୍ମର କାର୍ଯ୍ୟ । ଧର୍ମ, ବ୍ୟକ୍ତିର ଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ନେଇଥାଏ ଓ ବ୍ୟକ୍ତିର ଆଧ୍ୟାତ୍ମିକ, ସାମାଜିକ ଓ ମନସ୍ତାତ୍ତ୍ୱିକ ଆବଶ୍ୟକତା ସବୁକୁ ପୂରଣ କରିଥାଏ ।



ଟୀପ୍ପଣୀ

**ଧର୍ମ ସାମାଜିକ ନିୟନ୍ତ୍ରଣ ପ୍ରକ୍ରିୟାରେ ନିମ୍ନୋକ୍ତ ଭାବରେ ସାହାଯ୍ୟ କରେ :-**

(କ) ପ୍ରତ୍ୟେକ ଧର୍ମରେ ଏକ ନିଜସ୍ୱ ପାପ ଓ ପୁଣ୍ୟର ଧାରଣା ରହିଛି । ଜଣେ ବ୍ୟକ୍ତି ତାର ଶୈଶବରୁ ଏହି ପାପ ପୁଣ୍ୟ ତଥା ଭଲ-ମନ୍ଦର ଧାରଣା ସହିତ ପରିଚିତ । ଏହି ସବୁ ଧାରଣା ମାନ ବ୍ୟକ୍ତିର ବ୍ୟକ୍ତିତ୍ୱରେ ନିମଜ୍ଜିତ ହୋଇ ତାର ସମଗ୍ର ଜୀବନରେ ନିଷ୍ପତ୍ତି ନେବାର ମାର୍ଗ ଦର୍ଶନ କରାଇଥାଏ ।

(ଖ) ଧାର୍ମିକ ରୀତି ଓ ପରିପାଟୀ, ବିବାହ, ପରିବାରର ସଦସ୍ୟ ମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ସଂପର୍କ, ସଂପତ୍ତିର ନେଣ ଦେଣ, ଉତ୍ତରାଧିକାରର ନିୟମ ଇତ୍ୟାଦିକୁ ନିର୍ଦ୍ଧାରର କରିଥା'ନ୍ତି ।

(ଗ) ଧାର୍ମିକ ନେତାମାନେ ଲୋକମାନଙ୍କୁ ଉଦ୍ଦିଷ୍ଟ ଆଚରଣ ବିଧି ପାଳନ କରିବା ପାଇଁ ପ୍ରବର୍ତ୍ତାଇବା ମାଧ୍ୟମରେ ବ୍ୟକ୍ତି ବ୍ୟବହାରକୁ ନିୟନ୍ତ୍ରିତ କରିଥା'ନ୍ତି ।

(ଘ) ସାମୁଦାୟିକ କାର୍ଯ୍ୟକ୍ରମ, ପ୍ରାର୍ଥନା ସଭା ଏବଂ ଧାର୍ମିକ ଉତ୍ସବ ଅନୁଷ୍ଠାନର ସଂଗଠନ ଦ୍ୱାରା ଧାର୍ମିକ ଅନୁଷ୍ଠାନମାନେ ଏହି ପ୍ରକ୍ରିୟାରେ ସାହାଯ୍ୟ କରନ୍ତି, ମାନୁଥିବା ଲୋକଙ୍କୁ ଏକାଠି କରନ୍ତି ତଥା ସାଧାରଣ ବିଶ୍ୱାସ ବ୍ୟବସ୍ଥା କୁ ସୁଦୃଢ଼ କରିଥା'ନ୍ତି । ଏହା ସହିତ ବ୍ୟକ୍ତିର ବ୍ୟବହାରକୁ ମଧ୍ୟ ନିୟନ୍ତ୍ରଣ କରିଥା'ନ୍ତି ।

## ପାଠ୍ୟାନ୍ତର୍ଗତ ପ୍ରଶ୍ନାବଳୀ ୨୦.୪

ଏକ ବାକ୍ୟରେ ଉତ୍ତର ଦିଅ ।

୧. ଲୋକରୀତି କ'ଣ ?

___

୨. ଲୋକାଚାର କ'ଣ ?

___

୩. ପ୍ରଥାର ସଂଜ୍ଞା ପ୍ରଦାନ କର ।

___

୪. ଧର୍ମର ସଂଜ୍ଞା ପ୍ରଦାନ କର ।

___

## ୨୦.୫ ସାମାଜିକ ନିୟନ୍ତ୍ରଣ ଔପଚାରିକ ମାଧ୍ୟମ (Formal Means of Social Control)

(୧) ଆଇନ ( Law)

(୨) ଶିକ୍ଷା (Education) (୩) ରାଷ୍ଟ୍ର (State)

**୧. ଆଇନ (Law)** : ଆଦିମ ସମାଜମାନଙ୍କରେ ବିଭିନ୍ନ ସମୁହମାନଙ୍କର ଏକାଭଳି ବୃତ୍ତିଥିଲା ଓ ବ୍ୟକ୍ତିମାନେ ସେମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ବ୍ୟକ୍ତିଗତ ଓ ଘନିଷ୍ଠ ସଂପର୍କ ରଖୁଥିଲେ । ସେତେବେଳେ ସମାଜରେ ବ୍ୟକ୍ତିମାନଙ୍କର ବ୍ୟବହାର ଓ କାର୍ଯ୍ୟକଳାପ ର ନିୟନ୍ତ୍ରଣ ପାଇଁ ଲୋକରୀତି, ଲୋକାଚାର ଓ ପ୍ରଥାମାନେ ପର୍ଯ୍ୟାପ୍ତ ଥିଲେ । ସେ ସମୟରେ ଲୋକମାନେ ଅନୌପଚାରିକ ସମାଜିକ ନିୟନ୍ତ୍ରଣ କାର୍ଯ୍ୟବିଧିକୁ ବିନା ସର୍ତ୍ତରେ ବିନା ପ୍ରଶ୍ନରେ ଅନୁପାଳନ କରୁଥିଲେ ।



ଟୀପ୍ପଣୀ



ଏହାର ବିପରୀତ, ଆଧୁନିକ ସମାଜରେ ଅନେକ ବିବିଧତା, ବ୍ୟକ୍ତିତ୍ୱବାଦ, ଶ୍ରମବିଭାଜନ ତଥା କାର୍ଯ୍ୟ, ନୈତିକତା ଓ ଜୀବନ ଶୈଳୀର ଅନେକ ବିଭାଗୀକରଣ ହେବା ଫଳରେ, ଅନେକ ଭିନ୍ନ ଭିନ୍ନ ଜନ-ସମୁହକୁ; ପ୍ରଥା, ଲୋକାଚାର ଇତ୍ୟାଦି ଅନୌପଚାରିକ ନିୟନ୍ତ୍ରଣ ମାଧ୍ୟମମାନେ, ଉପଯୁକ୍ତ ଭାବରେ ତଥା ପର୍ଯ୍ୟାପ୍ତ ଭାବରେ ନିୟନ୍ତ୍ରିତ କରିପାରୁ ନାହାନ୍ତି । ଆହୁରି ମଧ୍ୟ ସହରୀ କରଣର ପ୍ରଭାବରେ ଲୋକମାନେ ଅବିଶ୍ୱାସ୍ୟ ଭାବରେ ଦ୍ରୁତ ଚଳନଶୀଳ ହୋଇଛନ୍ତି ଓ ଅଧିକରୁ ଅଧିକ ଭୌତିକ ସୁବିଧା ସୁଯୋଗ ପାଇଁ ଚେଷ୍ଟା କରୁଛନ୍ତି । ଲୋକ ଚରିତ୍ରରେ ଆମୂଳଚୂଳ ପରିବର୍ତ୍ତନ ଆସିଛି । ଏହା ସଙ୍ଗେ ସଙ୍ଗେ ରାଷ୍ଟ୍ର ଏକ ଶକ୍ତିଶାଳୀ ଓ ସ୍ୱତନ୍ତ୍ର ଶକ୍ତି ଭାବରେ ଉଭା ହୋଇଛି । ବର୍ତ୍ତମାନ, ରାଷ୍ଟ୍ରର ରାଜନୈତିକତନ୍ତ୍ର (mechanism) ଦ୍ୱାରା ସମର୍ଥିତ ସାଧାରଣ ଭାବେ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଏକ ଆଇନ ବ୍ୟବସ୍ଥା ଦ୍ୱାରା ଲୋକମାନଙ୍କର ବ୍ୟବହାରକୁ ନିୟନ୍ତ୍ରଣ କରିବା ଆବାଶ୍ୟକ ହୋଇ ପଡିଛି ଓ ଏହା ସମ୍ଭବ ମଧ୍ୟ ହୋଇଛି । ପ୍ରଥା ଓ ଲୋକାଚାର ସ୍ଥାନରେ ଆଇନ ଓ ଏହାକୁ ଲାଗୁକରିବା କାର୍ଯ୍ୟବିଧିମାନେ ଲୋକମାନଙ୍କର ବ୍ୟବହାରକୁ ନିୟନ୍ତ୍ରଣ କରୁଛନ୍ତି ଓ ସମାଜ ବ୍ୟବସ୍ଥାର ସୁପରିଚାଳନା ହେଉଛି ।

ଆଇନ ର ଦୁଇପ୍ରକାର ପରିଭାଷା ରହିଛି । କିଛି ତତ୍ତ୍ୱଜ୍ଞମାନେ ଏହାକୁ (ଆଇନ) "ଆଦର୍ଶ ବ୍ୟବହାରର ପ୍ରତିମାନ" ଭାବରେ ପରିଭାଷିତ କରିଛନ୍ତି । ଅନ୍ୟ କେତେକ ଏହାକୁ "ରାଷ୍ଟ୍ର ଦ୍ୱାରା ପ୍ରଣୀତ ନିୟମ" ଭାବରେ ଦର୍ଶାଇଛନ୍ତି, ଯାହାକି ବାଧ୍ୟତାମୂଳକ ଅଟେ ।

**ଲୋକମାନେ ଆଇନକୁ ଦୁଇଟି କାରଣ ଯୋଗୁଁ ମାନିଥା'ନ୍ତି ।**

(୧) ଦଣ୍ଡର ଭୟ : ରାଜ୍ୟ ଦ୍ୱାରା ଦିଆଯାଉଥିବା ଦଣ୍ଡ ଯୋଗୁଁ, ବ୍ୟକ୍ତିର ସ୍ୱାଧୀନତା ପ୍ରତିହତ ହୋଇଥାଏ । ଏହି ସ୍ୱାଧୀନତା ହରାଇବାର ଭୟ ତଥା ମୁକ୍ତ ବିଚରଣରୁ ବଂଚିତ ହେବାର ଆଶଙ୍କା ଲୋକମାନଙ୍କୁ ବେଆଇନ କାର୍ଯ୍ୟରୁ ବିରତ କରିଥାଏ ।

(୨) ନିୟମ ଅନୁପାଳନର ଅଭ୍ୟାସ : ଅନେକ ବ୍ୟକ୍ତି ବିଶ୍ୱାସ କରନ୍ତି ଯେ ଆଇନର ଅନୁପାଳନ ସେମାନଙ୍କର ସୁଖ-ସମୃଦ୍ଧି ପାଇଁ ତଥା ସାମାଜିକ ସ୍ଥିରତା ଓ ପ୍ରଗତି ପାଇଁ ନିହାତି ଆବଶ୍ୟକ । ଏହାକୁ "ନିୟମ ଅନୁପାଳନୀୟ ଅଭ୍ୟାସ" କୁହାଯାଏ । ପରିବାର, ଶିକ୍ଷାନୁଷ୍ଠାନ ଓ ଧର୍ମ ପ୍ରଚାରକମାନେ ଏହି ସବୁ ବ୍ୟବହାରକୁ ଲୋକଙ୍କ ମଧ୍ୟରେ ପ୍ରଚାରିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥା'ନ୍ତି ।

ପ୍ରଥା, ପରଂପରା, ଧର୍ମ ଓ ନ୍ୟାୟିକ ନିର୍ଣ୍ଣୟ ଇତ୍ୟାଦିରୁ ଆଇନର ସୃଷ୍ଟି । ତେବେ ଅନେକ କ୍ଷେତ୍ରରେ ଏହାର ନୈତିକ ଦିଗ ମଧ୍ୟ ଦେଖାଯାଇଥାଏ । ଆଇନର ଏହି ନୈତିକ ଦିଗ ତଥା ଏହାକୁ ଲାଗୁକିରବାରେ ଆନୁଷ୍ଠାନିକ ବ୍ୟବସ୍ଥା ଥିବା ହେତୁ ଏହା ବ୍ୟକ୍ତିର ବ୍ୟବହାରରେ ଆଇନ-ଅନୁପାଳନୀୟତା ସୃଷ୍ଟିକରେ । ଯେଉଁ ଆଇନ ଉଭୟ ବୈଧାନିକ ଓ ପ୍ରଥା ସମ୍ବନ୍ଧିତ ସମର୍ଥନ ହାସଲ କରିବାରେ ସମର୍ଥ ହୁଏ, ତାହା ସମାଜ ଦ୍ୱାରା ଅଧିକ ଗ୍ରହଣୀୟ ହୋଇଥାଏ ।

ଆଧୁନିକ ରାଷ୍ଟ୍ରମାନଙ୍କରେ ଆଇନ ସବୁ ବୈଧାନିକ ସଂସ୍ଥାମାନଙ୍କ ଦ୍ୱାରା ପ୍ରଣୀତ ହୋଇଥାଏ ଓ ରାଷ୍ଟ୍ରଦ୍ୱାରା ସରକାରଙ୍କ ମାଧ୍ୟମରେ ଲାଗୁକରାଯାଇଥାଏ । ଏଠାରେ 'ସରକାର' ଅର୍ଥ ହେଉଛି, ଏହା ମଧ୍ୟରେ କାର୍ଯ୍ୟ ରତ ସମସ୍ତ ଆଧିକାରିକ ଏଜେନ୍ସି ଓ କାର୍ଯ୍ୟକର୍ତ୍ତା ସାମିଲଥା'ନ୍ତି । ଯେଉଁମାନଙ୍କ